# ଉଗ୍ର ଟ୍ରମ୍ପଙ୍କ ଧମକ

## ‘ଅସଲ ଆକ୍ରମଣ ବାକି ଅଛି’



ୱାସିଂଟନ, ୨।୩(ଏଜେନ୍ସି): ଇରାନର ପ୍ରତି ଆକ୍ରମଣରେ ବିଚଳିତ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଦମକ ଦେଇଛନ୍ତି। ସିଏନ୍‌ଏନ୍‌କୁ ଦେଇଥିବା ସକ୍ଷାତକାରରେ ସେ କହିଛନ୍ତି ଯେ, ଆମେରିକା ସେନା ବର୍ତ୍ତମାନ ଇରାନ ଉପରେ ଆକ୍ରମଣ କରୁଛି। କିନ୍ତୁ ସବୁଠାରୁ ବଡ଼ ତରଙ୍ଗ ଏବେ ବାକି ଅଛ। ଅର୍ଥାତ ଅସଲ ଆକ୍ରମଣ ଆଗକୁ ହେବ। ଆମେ ଏପର୍ଯ୍ୟନ୍ତ ସେମାନଙ୍କ କଠୋର ଆକ୍ରମଣ କରିବା ଆରମ୍ଭ କରିନାହୁଁ। ଅସଲ ବଡ଼ ଆକ୍ରମଣ ଖୁବ୍‌ଶୀଘ୍ର ହେବାକୁ ଯାଉଛି। ଇରାନ ଜନସାଧାରଣଙ୍କୁ ସେ ଘରେ ରହିବାକୁ ପରାମର୍ଶ ଦେଇଛନ୍ତି। ଟ୍ରମ୍ପଙ୍କ ଅନୁଯାୟୀ, ଏହି ଯୁଦ୍ଧ ପ୍ରାୟ ୪ ସପ୍ତାହ ଅର୍ଥାତ ଏକ ମାସ ଧରି ଚାଲିବ। ବର୍ତ୍ତମାନର ଅପରେସନ

**ଆବଶ୍ୟକ ପଡ଼ିଲେ ଇରାନକୁ ସୈନ୍ୟ ପଠାଇବୁ**

**ସେ ମୋତେ ମାରିବା ପୂର୍ବରୁ ତାଙ୍କୁ ଶେଷ କରିଦେଲି**

ନିର୍ଦ୍ଧାରିତ ସମୟ ପୂର୍ବରୁ ଆଗେଇ ଚାଲିଛି ବୋଲି ସେ କହିଛନ୍ତି। ଆମେରିକା ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ, ଇରାନ ବିରୋଧରେ ଚାଲିଥିବା ଯୁଦ୍ଧରେ ଯଦି ଆବଶ୍ୟକ ପଡ଼େ, ତେବେ ସେ ଆମେରିକା ସ୍ଥଳ ସେନା ପଠାଇବାକୁ ପଛାଇବେ ନାହିଁ। ଯଦି ଦରକାର ହୁଏ, ତେବେ ପଦାତିକ ସେନା ନିଶ୍ଚୟ ପଠାଯିବ। କିନ୍ତୁ ବୋଧହୁଏ ଏହାର ଆବଶ୍ୟକତା ପଡ଼ି ନପାରେ ବୋଲି ସେ କହିଛନ୍ତି। ତେଣୁ ଆଗକୁ ଯୁଦ୍ଧ ଆହୁରି ଭୟଙ୍କର ହେବ ବୋଲି ଅନୁମାନ କରାଯାଉଛି।

ଇରାନର ସର୍ବୋଚ୍ଚ ନେତା ଆୟୋତୁଲ୍ଲା ଖାମନେଇଙ୍କ ହତ୍ୟାର ଦୁଇ ଦିନ ପରେ ଆମେରିକା ରାଷ୍ଟ୍ରପତି ଏକ ବଡ଼ କଥା କହିଛନ୍ତି। ଇରାନ ବିପକ୍ଷରେ ସାମରିକ କାର୍ଯ୍ୟାନୁଷ୍ଠା ପଛରେ ଏକ ବ୍ୟକ୍ତିଗତ କାରଣ ମଧ୍ୟ ରହିଥିଲା। ଖାମନେଇ ମୋତେ ମାରିବା ପୂର୍ବରୁ ମୁଁ ତାଙ୍କୁ ଶେଷ କରିଦେଲି ବୋଲି ସେ କହିଛନ୍ତି। ୨୦୨୪ରେ ଇରାନ ପକ୍ଷରୁ ଟ୍ରମ୍ପଙ୍କୁ ହତ୍ୟା କରିବା ପାଇଁ ହୋଇଥିବା ଷଡ଼ଯନ୍ତ୍ର ବିଷୟରେ ସେ ସୂଚନା ଦେଇଥିଲେ। ସେମାନେ ମୋତେ ଦୁଇଥର ମାରିବାକୁ ଚେଷ୍ଟା କରିଥିଲେ, କିନ୍ତୁ ମୁଁ ତାଙ୍କୁ ପ୍ରଥମେ ଶେଷ କରିଦେଲି। ଏଥିସହ ଟ୍ରମ୍ପ ଇରାନର ରିଭୋଲୁସନାରୀ ଗାର୍ଡ୍ସ (ଆଇଆରଜିସି) ଓ ପୁଲିସକୁ ଅସ୍ତ୍ର ତ୍ୟାଗ କରିବାକୁ କହିଛନ୍ତି। ନହେଲେ ମୃତ୍ୟୁ ନିଶ୍ଚିତ ବୋଲି ସେ କହିଛନ୍ତି।

ଖାମନେଇଙ୍କ ମୃତ୍ୟୁ ସତ୍ତ୍ୱେ ଇରାନ ଯେଭଳି ଭୟଙ୍କର ଭାବେ ଆକ୍ରମଣ କରି ଚାଲିଛି, ସେଥିରେ ବ୍ରିଟେନ ପ୍ରଧାନମନ୍ତ୍ରୀ ମଧ୍ୟ ବିଚଳିତ ହୋଇପଡ଼ିଛନ୍ତି। ସେ କହିଛନ୍ତି ଯେ ଇରାନକୁ ଅଟକାଇବାକୁ ପଡ଼ିବ। ଇରାନ ଯେଭଳି ଚାରିଆଡ଼େ ଆକ୍ରମଣ କରିଚାଲିଛି, ତାହା ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି। ଇରାନରେ ଗ୍ରାଉଣ୍ଡ ଅପରେସନ୍ ଜରୁରୀ ବୋଲି ସେ କହିଛନ୍ତି।

## ଏଆଇ ଜେନେରେଟେଡ୍ ପ୍ରମାଣ ଆଧାରରେ ନିଷ୍ପତ୍ତି ନେବା ଭୁଲ୍

ନୂଆଦିଲ୍ଲୀ/ବିଜୟୱାଡ଼ା, ୨।୩(ଏଜେନ୍ସି): ସୁପ୍ରିମକୋର୍ଟ ସୋମବାର ଆନ୍ଧ୍ରପ୍ରଦେଶ ହାଇକୋର୍ଟଙ୍କ ଏକ ନିଷ୍ପତ୍ତି ବିରୋଧରେ ହୋଇଥିବା ଆବେଦନରୁ ଶୁଣାଣି କରି କହିଛନ୍ତି ଯେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ସାହାଯ୍ୟରେ ପ୍ରସୁତ କରାଯାଇଥିବା ପ୍ରମାଣ ଆଧାରରେ ରାୟ ଶୁଣାଣିବା ଏକ ଭୁଲ କାର୍ଯ୍ୟ ଅଟେ। କୋର୍ଟ କହିଛନ୍ତି ଯେ ଏହା କୌଣସି ସାଧାରଣ ଭୁଲ ନୁହେଁ। ଜଷ୍ଟିସ ପିଏସ୍ ନରସିଂହ ଓ ଆଲୋକ



ଅରାଧେଙ୍କ ଖଣ୍ଡପୀଠ କହିଛନ୍ତି ଯେ ଏହାର ପରିଣାମ ଓ ଉତ୍ତରଦାୟିତ୍ୱର ଯାଞ୍ଚ୍ ହେବା ଆବଶ୍ୟକ। କାରଣ ଏହା ନ୍ୟାୟ ପ୍ରଦାନ ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କୋର୍ଟ ଏହି ମାମଲାରେ ଆଟର୍ଣ୍ଣି ଜେନେରାଲ ଆର୍ ଭେଙ୍କଟରମଣି, ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଏବଂ ବାର କାଉନସିଲ ଅଫ୍ ଇଣ୍ଡିଆ (ବିସିଆଇ)କୁ ନୋଟିସ ଜାରି କରିଛନ୍ତି। ଗତବର୍ଷ ଅଗଷ୍ଟ ମାସରେ ଆନ୍ଧ୍ରପ୍ରଦେଶର ଏକ ଟ୍ରାଏଲ କୋର୍ଟ ଏକ ବିବାଦୀୟ ସମ୍ପତ୍ତି ମାମଲାରେ ଏଆଇ ଦ୍ୱାରା ପ୍ରସ୍ତୁତ ଏକ ଫଟୋ ଆଧାରରେ ନିଷ୍ପତ୍ତି ନେଇଥିଲେ। ଏହି ନିଷ୍ପତ୍ତି ବିରୋଧରେ ହାଇକୋର୍ଟରେ ଆବେଦନ କରାଯାଇଥିଲା, କିନ୍ତୁ ଜାନୁଆରୀରେ ହାଇକୋର୍ଟ ମଧ୍ୟ ଆବେଦନକୁ ଖାରଜ କରିଦେଇଥିଲେ। ଏହାପରେ ଏହି ମାମଲା ସୁପ୍ରିମକୋର୍ଟକୁ ଯାଇଥିଲା। ସୁପ୍ରିମକୋର୍ଟ ଆବେଦନର ଶୁଣାଣି କରିବାକୁ ସହମତି ପ୍ରକାଶ କର ନିର୍ଦ୍ଦେଶ ଦେଇଛନ୍ତି ଯେ ମାମଲାର ଚୂଡାନ୍ତ ନିଷ୍ପତ୍ତି ନ ହେବା ପର୍ଯ୍ୟନ୍ତ ଟ୍ରାଏଲ କୋର୍ଟ ସେହି ଆଡଭୋକେଟ-କମିସନରଙ୍କ ରିପୋର୍ଟ ଆଧାରରେ ଆଗକୁ ବଢ଼ିପାରିବେ ନାହିଁ। ମାମଲର ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୧୦ରେ ହେବ।

## ଯୁବ କଂଗ୍ରେସ କର୍ମକର୍ତ୍ତାଙ୍କୁ ଜାମିନ ମିଳିଲା

ନୂଆଦିଲ୍ଲୀ, ୨।୩(ଏଜେନ୍ସି): ଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଆୟୋଜିତ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ସମ୍ମଳନୀରେ ବିକ୍ଷୋଭ ପ୍ରଦର୍ଶନ କରି ଗିରଫ ହୋଇଥିବା ଯୁବ କଂଗ୍ରେସର ୯ ଜଣ କର୍ମକର୍ତ୍ତାଙ୍କୁ ଜାମିନ ମିଳିଛି। ସ୍ଥାନୀୟ ପଟିଆଲ ହାଉସ୍ କୋର୍ଟ ସାର୍ଟ ଖୋଲି ପ୍ରଦର୍ଶନ କରିଥିବା ଏହି ଯୁବ ନେତାଙ୍କୁ ଜାମିନ ପ୍ରଦାନ କରିଛନ୍ତି। କୋର୍ଟ କହିଛନ୍ତି ଯେ, ସରକାରଙ୍କୁ ସମାଲୋଚନା କରିବା ଏକ ଗଣତାନ୍ତ୍ରିକ ଅଧିକାର ଏବଂ ଏହି ପ୍ରଦର୍ଶନରେ କୌଣସି ପ୍ରକାର ହିଂସା ବା ଭୟଭୀତ କରିବାର ପ୍ରମାଣ ନାହିଁ। ବିଚାରପତି କହିଛନ୍ତି ଯେ, ପ୍ରଦର୍ଶନକାରୀମାନେ ଦେଇଥିବା ସ୍ଲୋଗାନଗୁଡ଼ିକ ଉତ୍ତେଜନାମୂଳକ ନ ଥିଲା କିମ୍ବା ଏଥିରେ କୌଣସି ଧାର୍ମିକ ବା ଆଞ୍ଚଳିକ ରଙ୍ଗ ନଥିଲା। ସମ୍ମିଳନୀରେ ସ୍ଥଳରେ କୌଣସି ସମ୍ପତ୍ତି ନଷ୍ଟ କରାଯାଇଥିବାର ପ୍ରମାଣ ପୁଲିସ ଦେଇ ପାରିନାହିଁ ବୋଲି କୋର୍ଟ କହିଛନ୍ତି। କୋର୍ଟଙ୍କ ନିଷ୍ପତ୍ତିରୁ ସ୍ପଷ୍ଟ ହୋଇଛି ଯେ, ଗଣତନ୍ତ୍ରରେ ଶାନ୍ତିପୂର୍ଣ୍ଣ ସମାଲୋଚନା ପାଇଁ କାହାକୁ ଜେଲ୍‌ରେ ରଖାଯାଇପାରିବ ନାହିଁ। ଉଲ୍ଲେଖଥାଉ କି, ଗତ ଫେବୃଆରୀ ୨୦ରେ ଚାଲିଥିବା ଏଆଇ ସମ୍ମଳନୀରେ ଏହି କଂଗ୍ରେସ କର୍ମକର୍ତ୍ତାମାନେ ନିଜ ଟି ସାର୍ଟ ଓହ୍ଲାଇ ପ୍ରଦର୍ଶନ କରିଥିଲେ। ଭାରତ- ଆମେରିକା ବାଣିଜ୍ୟ ଚୁକ୍ତିକୁ ବିରୋଧ କରି ସେମାନେ ବିକ୍ଷୋଭ କରିଥିଲେ।

## ପାକିସ୍ତାନରେ ଐତିହାସିକ ଗୁରୁଦ୍ୱାର ବିକ୍ରି

ଲୁଧିଆନା, ୨।୩(ଏଜେନ୍ସି): ପାକିସ୍ତାନରେ ଶିଖ ଓ ହିନ୍ଦୁମାନଙ୍କ ଧାର୍ମିକ ସ୍ଥଳ ଉପରେ କ୍ରମାଗତ ଗବେ ଆକ୍ରମଣ ଓ କ୍ଷୟକ୍ଷତି କରାଯାଉଥିବା ଘଟଣା ସମ୍ନାକୁ ଆସୁଛି। ସଦ୍ୟତମ ଘଟଣା ଅନୁଯାୟୀ, ଖାଇବର ପଖତୁଖ୍ୱା ରାଜ୍ୟର ଆବୋଟାବାଦ୍ ସହରରେ ଥିବା ଏକ ଐତିହାସିକ ଗୁରୁଦ୍ୱାରକୁ ବିକ୍ରି କରିଦିଆଯାଇଛି। ‘ଖଲସା ଭୋକ୍ସ’ର ରିପୋର୍ଟ ଅନୁଯାୟୀ, ପାକିସ୍ତାନର ଇଭାକ୍ୟୁଇ ଟ୍ରଷ୍ଟ ପ୍ରପର୍ଟି ବୋର୍ଡ (ଇଟିପିବି)ର ଜଣେ ଅଧିକାରୀ ୧ କୋଟି ପାକିସ୍ତାନୀ ଟଙ୍କା ଲାଞ୍ଚ ନେଇ ଏହି ଗୁରୁଦ୍ୱାରକୁ ଜଣେ ସ୍ଥାନୀୟ ବ୍ୟକ୍ତିଙ୍କୁ ବିକ୍ରି କରିଦେଇଛନ୍ତି। ଜମି କିଣିଥିବା ବ୍ୟକ୍ତିଙ୍କ ନାମ ୱାହିଦ ୱାଲ ବୋଲି ଜଣାପଡ଼ିଛି। ସେ ଏହି ଐତିହାସିକ ଗୁରୁଦ୍ୱାରକୁ ଭାଙ୍ଗି ନିଜ ଦୁଇ ପତ୍ନୀଙ୍କ ପାଇଁ ଏକ କପଡ଼ା ବୁଟିକ ନିର୍ମାଣ କରିବାକୁ ଯୋଜନା କରୁଛନ୍ତି। ଏହି ଗୁରୁଦ୍ୱାରଟି ଶିଖ ଶାସନ ସମୟରେ ନିର୍ମିତ ହୋଇଥିଲା। ପାକିସ୍ତାନରେ ରହୁଥିବା ଶିଖ ସମ୍ପ୍ରଦାୟର ଲୋକେ ଏହି ଘଟଣାକୁ ନେଇ ତୀବ୍ର ପ୍ରତିକ୍ରୟା ପ୍ରକାଶ କରିଛନ୍ତି।

## ଭାରତକୁ ୟୁରାନିୟମ ଦେବ କାନାଡ଼ା

ନୂଆଦିଲ୍ଲୀ, ୨।୩(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣିଙ୍କ ମଧ୍ୟରେ ସୋମବାର ସକାଳେ ନୂଆଦିଲ୍ଲୀ ହାଇଦ୍ରାବାଦ ହାଉସଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସାକ୍ଷାତକାର ପରେ ଭାରତ ଓ କାନାଡ଼ା ମଧ୍ୟରେ ପ୍ରତିରକ୍ଷା ଓ ଶକ୍ତି କ୍ଷେତ୍ରରେ ସହଯୋଗ ପାଇଁ ଅନେକ ବଡ଼ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ଗସ୍ତରେ ସବୁଠାରୁ ବଡ଼ ଉପଲବ୍ଧୀ ହେଉଛି ୟୁରାନିୟମ ଯୋଗାଣକୁ ନେଇ ହୋଇଥିବା ଐତିହାସିକ ଚୁକ୍ତି। କାନାଡ଼ା ଆଗାମୀ ୧୦ ବର୍ଷ ପାଇଁ ଭାରତକୁ ୟୁରାଇନିୟମ ଯୋଗାଇଦେବାକୁ ସମ୍ମତି ପ୍ରକାଶ କରିଛି। ପ୍ରାୟ ୩ ବିଲିୟନ ଡଲାର ଅର୍ଥାତ ୨୫ ହଜାର କୋଟି ଟଙ୍କା ବିନିମୟରେ ଏହି ଚୁକ୍ତି ହେବ ବୋଲି ଅନୁମାନ କରାଯାଉଛି। ସୂଚନାଯୋଗ୍ୟ ଯେ, କାନାଡ଼ା ବିଶ୍ୱର ଦ୍ୱିତୀୟ ବୃହତ୍ତମ ୟୁରାନିୟମ ଉତ୍ପାଦନକାରୀ ଦେଶ। ଉଭୟ ଦେଶ ମଧ୍ୟରେ ପ୍ରତିରକ୍ଷା ଶିଳ୍ପ ଓ ସାମରିକ ଆଦାନ ପ୍ରଦାନକୁ ବଢ଼ାଇବା ପାଇଁ ‘ଭାରତ- କାନାଡ଼ା ପ୍ରତିରକ୍ଷା ଆଲୋଚନା’ ସ୍ଥାପନ କରାଯିବ। ସେହିପରି ସିଭିଲ ନ୍ୟୁକ୍ଲିୟାର ଏନର୍ଜି କ୍ଷେତ୍ରରେ କ୍ଷୁଦ୍ର ମଡ୍ୟୁଲାର ରିଆକ୍ଟର ଓ ଉନ୍ନତ ଟେକ୍ନୋଲୋଜି ବିକାଶ ପାଇଁ ଦୁଇ ଦେଶ ମିଳିତ ଭାବେ କାର୍ଯ୍ୟ କରିବେ। ସେହିପରି କୃଷି ଓ ଖାଦ୍ୟ ନିରାପତ୍ତା କ୍ଷେତ୍ରରେ ମଧ୍ୟ ଦୁଇ ଦେଶ ପରସ୍ପରକୁ ସହଯୋଗ କରିବେ। ସେହିପରି ଆତଙ୍କବାଦ ବରୋଧରେ ଲଢ଼େଇ ପାଇଁ ଦୁଇ ଦେଶର ପ୍ରଧାନମନ୍ତ୍ରୀ ସହମତ ହୋଇଛନ୍ତି।

## ଏସ୍‌ୟୁ-୩୫ ମୁତୟନ କଲା ଇରାନ

ତେହେରାନ, ୨।୩(ଏଜେନ୍ସି): ଇରାନ ବାୟୁସେନା ଆନୁଷ୍ଠାନିକ ଭାବେ ପ୍ରଥମଥର ପାଇଁ ତା’ର ସୁଖୋଇ ଏସ୍‌ୟୁ-୩୫ ଯୁଦ୍ଧ ବିମାନକୁ ମୁତୟନ କରିଛି। ଇରାକ୍‌ର ସୁଲେମାନିୟା ସ୍ଥିତ ଆମେରିକୀୟ ସାମରିକ ଘାଟିକୁ ଟାର୍ଗେଟ କରିବାକୁ ଇରାନ ଏହି ଜେଟ୍‌କୁ ବ୍ୟବହାର କରିଛି। ଇରାନ ଏହି ବିମାନ ରୁଷ୍‌ଠାରୁ ପାଇଥଲା। ଇରାନ ପ୍ରଥମଥର ପାଇଁ ଏହି ନୂତନ ଯୁଦ୍ଧ ବିମାନକୁ ସର୍ବସାଧାରଣରେ ପ୍ରଦର୍ଶନ କରିବା ସହ ସାମରିକ କାର୍ଯ୍ୟରେ ବ୍ୟବହାର କରିଛି। ଇସ୍ରାଏଲ-ଆମେରିକା ସଂଘର୍ଷ ତୃତୀୟ ଦିନରେ ପହଞ୍ଚିଥିବା ବେଳେ ଇରାନ ଏହି ନିଷ୍ପତ୍ତି ନେଇଛି। ଏସ୍‌ୟୁ-୩୫ ଚତୁର୍ଥ ପିଢ଼ିରୁ ଅଧିକ ଉନ୍ନତ ଓ ପଞ୍ଚମ ପିଢ଼ିର ବୈଷୟିକ ଜ୍ଞାନ କୌଶଳ ସମ୍ପନ୍ନ ବୋଲି କୁହାଯାଏ। ଏହି ବିମାନ ଘଣ୍ଟାପ୍ରତି ୨, ୪୦୦ କିମି ବେଗରେ ଗତି କରିପାରେ। ଏହା ୮, ୦୦୦ କେଜି ଓଜନର ଅସ୍ତ୍ରଶସ୍ତ୍ର ବହନ କରିପାରିବ। ଏଥିରୁ ୩୦୦-୪୦୦ କିମି ଦୂରରୁ ଶତ୍ରୁକୁ ଧ୍ୱଂସ କରିବାର କ୍ଷମତା ରଖିଥାଏ।



## ଇରାନ ସପକ୍ଷରେ ଅଣ୍ଟା ଭିଡ଼ିଲା ଚୀନ

ବେଜିଂ, ୨।୩(ଏଜେନ୍ସି): ଇରାନ ଉପରେ ଆମେରିକା ଏବଂ ଇସ୍ରାଏଲ ଯେଉଁଭଳି ମିଳିତ ଆକ୍ରମଣ କଲେ ତାହାକୁ ନେଇ ଉଭୟ ଚୀନ ଏବଂ ରୁଷିଆ ବିରକ୍ତି ପ୍ରକାଶ କରିଛନ୍ତି। ସମସ୍ତ ଆନ୍ତର୍ଜାତି ନୀତି ନିୟମ ଉଲ୍ଲଂଘନ କରି ଆମେରିକା ଓ ଇସ୍ରାଏଲ ଇରାନର ସର୍ବୋଚ୍ଚ ନେତା ଆୟାତୁଲ୍ଲା ଖାମନେଇଙ୍କୁ ହତ୍ୟା କରିଛନ୍ତି। ଜାତିସଂଘର ବିନା ଅନୁମୋଦନରେ ସେମାନଙ୍କର ଏଭଳି ବର୍ବରତା ଗ୍ରହଣୀୟ ନୁହେଁ ବୋଲି କହିଛି ଚୀନ। ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଚୀନ ବୈଦେଶିକ ବିଭାଗର ମୁଖପାତ୍ର କହିଛନ୍ତି ଯ ଏଭଳି ସ୍ଥିତି ଆଗରୁ କେବେ ଦେଖିବାକୁ ମିଳିନଥିଲା। ଇରାନ ଏକ ସାର୍ବଭୌମ ରାଷ୍ଟ୍ର ଏବଂ ଜାତି ସଂଘର ବିନା ଅନୁମୋଦନ ସେଠାରେ ଆକ୍ରମଣ ସଂପୂର୍ଣ୍ଣ ଭୁଲ। ପୁଣି ସେଠାରେ ରାଷ୍ଟ୍ର ଅଧକ୍ଷଙ୍କୁ ହତ୍ୟା କରିବା ଏବଂ ଇରାନରେ କ୍ଷମତା ପରିବର୍ତ୍ତନ ପାଇଁ ଉଦ୍ୟମ କରିବା ଯୋଜନାକୁ ଚୀନ ବିରୋଧ କରୁଛି ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଏଭଳି ପରିସ୍ଥିତିରେ ତାଙ୍କ ଦେଶ ଇରାନ ସହିତ ରହିଛି। ଇରାନ ଉପରେ ଆକ୍ରମଣକୁ ତୁରନ୍ତ ବନ୍ଦ କରି ଆଲୋଚନା ମଧ୍ୟରେ ସମାଧାନ ପନ୍ଥା ଗ୍ରହଣ କରିବାକୁ ସେ ଦାବି କରିଛନ୍ତି। ଇରାନର ସୁରକ୍ଷା, ସାର୍ବଭୌମତ୍ୱ ଏବଂ ସେଠାରେ ସ୍ଥିରତାକୁ ଚୀନ ଦୃଢ଼ ସମର୍ଥନ କରେ ବୋଲି କହିଛନ୍ତି। କୌଣସି ଆନ୍ତର୍ଜାତିକ ବିବାଦର ସମାଧାନରେ ସାମରିକ ଶକ୍ତିର ପ୍ରୟୋଗକୁ ଚୀନ ବିରୋଧ କରେ ବୋଲି ସେ କହିଛନ୍ତି।



ଇତିମଧ୍ୟରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଆଜି ସଂଯୁକ୍ତ ଆରବ ଏମିରେଟସର ରାଷ୍ଟ୍ରପତିଙ୍କ ସହ କଥା ହୋଇଚନ୍ତି। ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା ଜରୁରୀ ହୋଇଥିବାରୁ ଇରାନ-ଆରେମିକା ଯୁଦ୍ଧ ତୁରନ୍ତ ବନ୍ଦ ହେଉ ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି। ପୁଟିନ କହିଛନ୍ତି ଯେ ଇରାନ ଉପରେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ଘୋର ନିନ୍ଦନୀୟ ଏବଂ ଏହା ସମସ୍ତ ଆନ୍ତର୍ଜାତି ନିୟମ କାନୁନକୁ ଦଳିଚକଟି ଦେଇଛି। ଯୁଦ୍ଧ ତୁରନ୍ତ ବନ୍ଦ କରିବାକୁ ସେ ଆହ୍ୱାନ ଦେଇଛନ୍ତି।

## ଖାମନେଇଙ୍କ ମୃତ୍ୟୁ ପରେ କାହା ହାତରେ ଇରାନ କମାଣ୍ଡ

ନୂଆଦିଲ୍ଲୀ, ୨।୩(ଏଜେନ୍ସି): ଇରାନର ସର୍ବୋଚ୍ଚ ନେତା ଆୟାତୁଲ୍ଲା ଖାମନେଇଙ୍କ ମୃତ୍ୟୁ ପରେ ପଶ୍ଚିମ ଏସିଆ ସ୍ଥିତି ଜଟିଳ ହେବାରେ ଲାଗିଛି। ଏବେ ଇରାନ ବିଦେଶ ମନ୍ତ୍ରୀ ଆବାସ ଆରାଘାଟି ଏକ ଚକିତ କଲା ଭଳି ମନ୍ତବ୍ୟ ଦେଇଛନ୍ତି। ଖାମନେଇଙ୍କ ମୃତ୍ୟୁ ପରେ ଇରାନର ଶକ୍ତିଶାଳୀ ସୈନ୍ୟବାହିନୀ ‘ଇସ୍‌ଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପ୍ସ’ (ଆଇଆରଜିସି) ଏବେ ସ୍ୱାଧୀନ ଭାବେ କାର୍ଯ୍ୟ କରୁଛି। ଓମାନ ବନ୍ଦର ଉପରେ ହୋଇଥିବା ଆକ୍ରମଣ ପ୍ରସଙ୍ଗରେ ସେ କହିଛନ୍ତି ଯେ ଓମାନରେ ଯାହା ଘଟିଗଲା ତାହା ଆମର ପସନ୍ଦ ନଥିଲା। ବିଦେଶ ମନ୍ତ୍ରୀଙ୍କ ଅନୁଯାୟୀ, ଇରାନର ସାମରିକ ୟୁନିଟ୍‌ଗୁଡ଼ିକ ଏବେ ଏକ ପ୍ରକାର ଅଲଗା ହୋଇଯାଇଛନ୍ତି। ମୃତ୍ୟୁ ପୂର୍ବରୁ ଖାମନେଇ ଦେଇଥିବା ନିର୍ଦ୍ଦେଶ ଆଧାରରେ ସେମାନେ ନିଜେ ନିଷ୍ପତ୍ତି ନେଉଛନ୍ତି। ଖାମନେଇଙ୍କ ମୃତ୍ୟୁ ପରେ ଆଇଆରଜିସି ଏବେ ହେଡ୍‌ଲେସ୍ ବା ମୁରବୀଶୂନ୍ୟ ହୋଇଯାଇଛି। କାରଣ ଏହି ସୈନ୍ୟବାହିନୀ କେବଳ ସର୍ବୋଚ୍ଚ ନେତାଙ୍କୁ ହିଁ ରିପୋର୍ଟ କରିନ୍ତି। ଖାମନେଇଙ୍କ ହତ୍ୟାର ପ୍ରତିଶୋଧ ନେବାକୁ ଶପଥ ନେଇଛନ୍ତି। ସେମାନେ ଏହାକୁ ଏକ ନିର୍ଣ୍ଣାୟକ ଏବଂ ଦଣ୍ଡନୀତିମୂଳକ ପଦହକ୍ଷେପ ବୋଲି ଅଭିହିତ କରିଛନ୍ତି।

୧୯୭୯ରେ ସ୍ଥାପିତ ଆରଆରଜିସି ସାଧାରଣ ଇରାନୀ ସେନାଠାରୁ ଭିନ୍ନ। ଏହାର ନିଜସ୍ୱ ସ୍ଥଳସେନା, ବାୟୁସେନା ଓ ନୌସେନା ରହିଛି। ଏହା ବ୍ୟତୀତ ଆଇଆରଜିସିର କୁଡ୍‌ସ ଫୋର୍ସ ମଧ୍ୟ ଇରାନ ସେନାବାହିନୀରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ। ଏହା ବିଦେଶରେ ଗୁପ୍ତ ଅପରେସନ ପାଇଁ ପରିଚିତ ।। ଆଇଆରଜିସି କେବଳ ସେନା ନୁହେଁ, ବରଂ ଇରାନରେ ନିର୍ମାଣ, ଟେଲିକମ୍ ଓ ବନ୍ଦର ଭଳି ବ୍ୟବସାୟକୁ ମଧ୍ୟ ନିୟନ୍ତ୍ରଣ କରେ। ଦେଶ ଭିତରରେ ବିଦ୍ରୋହ ଦମନ କରିବା ପାଇଁ ଏହି ।।ସ୍ୱେଚ୍ଛାସେବୀ ବାହିନୀକୁ ବ୍ୟବହାର କରାଯାଇଥାଏ। ତେବେ ଇରାନ ବିଦେଶ ମନ୍ତ୍ରୀଙ୍କ ଏହି ବୟାନକୁ ବିଶେଷଜ୍ଞମାନେ ଭିନ୍ନ ଦୃଷ୍ଟିରେ ଦେଖୁଛନ୍ତି। ପଡୋଶୀ ଦେଶଗୁଡ଼ିକ ସହ ସମ୍ପର୍କ ସୁଧାରିବା ପାଇଁ ଏହା ଏକ ରଣନୀତି ହୋଇପାରେ ବୋଲି କୁହାଯାଉଛି। ଇରାନ ବିଦେଶ ମନ୍ତ୍ରୀ ଦର୍ଶାଇବାକୁ ଚାହୁଁଛନ୍ତି ଯେ, ସରକାର ଏହି ଆକ୍ରମଣ ପାଇଁ ସିଧାସଳଖ ଦାୟୀ ନୁହନ୍ତି। ଖାମନେଇଙ୍କ ମୃତ୍ୟୁ ପରେ ଆଇଆରଜିସିର କାର୍ଯ୍ୟକଳାପ ନେଇ ଅନିଶ୍ଚିତତା ବୃଦ୍ଧି ପାଇଛି। ଇରାନ ସରକାର ଉତ୍ତେଜନା କମାଇବାକୁ ଚେଷ୍ଟା କରୁଥିବା ବେଳେ ଆଇଆରଜିସିର ଏହି ସ୍ୱାଧୀନ ଭୂମିକା ଆଞ୍ଚଳିକ ସୁରକ୍ଷା ପାଇଁ ଚିନ୍ତାଜନକ ସ୍ଥିତି ସୃଷ୍ଟି କରିଛି। ଉଲ୍ଲେଖଥାଉ କି, ଆଇଆରଜିସିର ବିଭିନ୍ନ ଶାଖା ରହିଛି। ବିବିସି ରିପୋର୍ଟ ଅନୁଯାୟୀ, ଇରାନର ସାଧାରଣ ସେନା ତୁଳନାରେ ଆଇଆରଜିସି ପାଖରେ ୨, ୦୦, ୦୦୦ କମ୍ ସୈନ୍ୟ ଥିଲେ ମଧ୍ୟ, ଏହାକୁ ଇରାନର ସବୁଠାରୁ ଶକ୍ତିଶାଳୀ ସାମରିକ ବାହିନୀ ଭାବେ ବିବେଚନା କରାଯାଏ। ଏକ ରିପୋର୍ଟରେ କୁହାଯାଇଛି ଯେ ଏହି ବାହିନୀ ସିରିଆର ପୂର୍ବତନ ରାଷ୍ଟ୍ରପତି ବାସର ଅଲ-ଅସଦ, ଲେବାନନର ସନ୍ତ୍ରାସବାଦ ସଂଗଠନ ହିଜବୁଲ୍ଲା, ୟେମେନର ହୁତି ବିଦ୍ରୋହୀ ଓ ଅନ୍ୟାନ୍ୟ ଗୋଷ୍ଠୀକୁ ମଧ୍ୟ ସମର୍ଥନ କରିଆସିଛି।

## ରାଜ୍ୟଙ୍କୁ କେନ୍ଦ୍ରର ଚେତାବନୀ: ଅସ୍ଥିରତା ସୃଷ୍ଟି କରିପାରନ୍ତି ଆତଙ୍କବାଦୀ ଗୋଷ୍ଠୀ

ନୂଆଦିଲ୍ଲୀ, ୨।୩(ଏଜେନ୍ସି): ଇରାନର ସର୍ବୋଚ୍ଚ ନେତା ଅୟାତୁଲ୍ଲା ଅଲ ଖାମନେଇଙ୍କ ମୃତ୍ୟୁକୁ ନେଇ ଭାରତର ବିଭିନ୍ନ ସ୍ଥାନରେ ସିଆ ସମ୍ପ୍ରଦାୟର ଲୋକେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଏହାକୁ ସ୍ୱରାଷ୍ଟ୍ରମନ୍ତ୍ରାଳୟ ସବୁ ଅନେକ ରାଜ୍ୟଙ୍କୁ ଚେତାବନୀ ଜାରି କରିଛି। ସମ୍ଭାବ୍ୟ ହିଂସା ଏବଂ ବିକ୍ଷୋଭକୁ



ନେଇ ସତର୍କ ରହିବାକୁ କୁହାଯାଇଛି। ଏହା ସହିତ ଅନ୍ତର୍ଜାତୀୟ ସ୍ତରରେ ଲାଗି ରହିଥିବା ଅସ୍ଥିରତା ଭାରତର ଆଭ୍ୟନ୍ତରୀଣ ସୁରକ୍ଷାକୁ ପ୍ରଭାବିତ କରିବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ସୁରକ୍ଷା ଏଜେନ୍ସିଗୁଡ଼ିକ ହାଇଆଲର୍ଟରେ ରହିଛନ୍ତି। ରାଜ୍ୟଗୁଡ଼ିକୁ ପଠାଯାଇଥିବା ମାର୍ଗଦର୍ଶିକାରେ ଇରାନ ସମର୍ଥକ ଏବଂ ବିରୋଧୀ ଗୋଷ୍ଠୀଙ୍କ କାର୍ଯ୍ୟକଳାପ ଉପରେ ତୀକ୍ଷଣ ନଜର ରଖିବାକୁ କୁହାଯାଇଛି। ବିଶେଷ କରି ଭାରତରେ ଥିବା ଇରାନ, ଆମେରିକା ଏବଂ ଇସ୍ରାଏଲର ଦୂତାବାସ ଓ ବାଣିଜ୍ୟିକ ଦୂତାବାସଗୁଡ଼ିକର ସୁରକ୍ଷାବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସିଆ ମିଲିସିଆ ସମେତ ଇସଲାମିକ୍ ଷ୍ଟେଟ୍ (ଆଇଏସ) ଏବଂ ଅଲ-କାଏଦା ଭଳି ଆତଙ୍କବାଦୀ ସଂଗଠନଗୁଡ଼ିକଠାରୁ ଭାରତ ପ୍ରତି ବିପଦ ରହିଛି। ଗୁଇନ୍ଦା ସୂଚନା ଅନୁଯାୟୀ, ଆତଙ୍କବାଦୀ ଗୋଷ୍ଠୀଗୁଡ଼ିକ ଏହି ଉତ୍ତେଜନାପୂର୍ଣ୍ଣ ପରିସ୍ଥିତିର ସୁଯୋଗ ନେଇ ଦେଶରେ ଅଶାନ୍ତି ସୃଷ୍ଟି କରିବାକୁ ଚେଷ୍ଟା କରିପାରନ୍ତି। ତେଣୁ ଦିଲ୍ଲୀ, ମୁମ୍ବଇ ଭଳି ପ୍ରମୁଖ ସହରରେ ଥିବା ବିଦେଶୀ ଦୂତାବାସଗୁଡ଼ିକରେ ଅଧିକ ସୁରକ୍ଷାକର୍ମୀ ମୁତୟନ କରାଯାଇଛି। ସ୍ଥାନୀୟ ପୁଲିସକୁ ସମ୍ବେଦନଶୀଳ ଅଞ୍ଚଳରେ ପାଟ୍ରୋଲିଂ ବଢ଼ାଇବାକୁ କୁହାଯାଇଛି। ବିଭିନ୍ନ ଦେଶର ଦୂତାବାସ ସହିତ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ, ଇହୁଦୀ ଅନୁଷ୍ଠାନ ଏବଂ ପାଶ୍ଚାତ୍ୟ ଦେଶଗୁଡ଼ିକ ସହ ଜଡ଼ିତ ପ୍ରତିଷ୍ଠାନଗୁଡ଼ିକ ଟାର୍ଗେଟରେ ଥିବା ଜଣାପଡ଼ିଛି।

## ପ୍ରେମିକ ସହ ମିଶି ଲିଭ୍-ଇନ୍ ପାର୍ଟନରଙ୍କୁ ହତ୍ୟା କଲେ ଅଭିନେତ୍ରୀ



ବେଙ୍ଗାଲୁରୁ, ୨।୩(ଏଜେନ୍ସି): ବେଙ୍ଗାଲୁରୁ।।ରେ ଜଣେ ଅଭିନେତ୍ରୀ ନିଜର ଲିଭ୍-ଇନ୍ ପାର୍ଟନରଙ୍କୁ ହତ୍ୟା କରିବା ପାଇଁ ଅନ୍ୟ ଜଣେ ପ୍ରେମିକ ସହ ମିଶି ଷଡ଼ଯନ୍ତ୍ର କରିଥିବାର ଅଭିଯୋଗ ହୋଇଛି। ଏହି ଘଟଣାରେ ପୁଲିସ ଏହି ଟିଭି ଅଭିନେତ୍ରୀଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି। ମୃତ ବ୍ୟକ୍ତି ହେଉଛନ୍ତି ମୋହନ ରାଓ ଓ ତାଙ୍କୁ ଫେବୃଆରୀ ୧୮ରେ ହତ୍ୟା କରାଯାଇଥିଲା। ଗିରଫ ହୋଇଥିବା ଅଭିନେତ୍ରୀ ହେଉଛନ୍ତି ଉର୍ମିଳା ଓରଫ ବିନ୍ଦୁ। ସେ ଭଜରଙ୍ଗୀ, ପୁଲିସ କ୍ୱାର୍ଟର୍ସ ଓ କାଳଭୈରବ ଭଳି କନ୍ନଡ଼ ଚଳଚିତ୍ରରେ ଛୋଟ ଛୋଟ ଭୂମିକାରେ ଅଭିନୟ କରିଛନ୍ତି। ବିନ୍ଦୁ ଓ ବିନୟ ନାମକ ବ୍ୟକ୍ତି ପରସ୍ପରକୁ ବିବାହ କରିବାକୁ ଚାହୁଁଥିଲେ। କିନ୍ତୁ ବିନ୍ଦୁ ପୂର୍ବରୁ ମୋହନ ରାଓଙ୍କ ସହ ଲିଭ୍-ଇନ୍‌ରେ ରହୁଥିଲେ। ମୋହନଙ୍କୁ ରାସ୍ତାରୁ ହଟାଇବା ପାଇଁ ଦୁହେଁ ମିଶି ଏହି ହତ୍ୟାକାଣ୍ଡର ଯୋଜନା କରିଥିଲେ।

## ନାଗପୁର ବିସ୍ଫୋରଣରେ ୧୯ ମୃତ; ୯ ନିର୍ଦ୍ଦେଶକ ଗିରଫ

ନାଗପୁର, ୨।୩(ଏଜେନ୍ସି): ମହାରାଷ୍ଟ୍ରର ନାଗପୁର ଜିଲ୍ଲା କାଟୋଲ ତହସିଲ ଅନ୍ତର୍ଗତ ରାଉଲଗାଁଓରେ ଥିବା ଏସ୍‌ବିଏଲ୍ ଏନର୍ଜି ଲିମିଟେଡ ବାରୁଦ ତଥା ବିସ୍ଫୋରଣ କାରଖାନାରେ ଘଟିଥିବା ଭୟଙ୍କର ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୧୯କୁ ବୃଦ୍ଧି ପାଇଛି। ଚିକିତ୍ସାଧୀନ ଅବସ୍ଥାରେ ଆଉ ଦୁଇଜଣ ଗୁରୁତର ଅବସ୍ଥାରେ ଥିବା ଶ୍ରମିକ ପ୍ରାଣ ହରାଇବା ପରେ ଏହି ସଂଖ୍ୟା ବଢ଼ିଛି। ଏହି ଘଟଣା ଶିଳ୍ପ ସୁରକ୍ଷା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗତ ରବିବାର କାରଖାନାର ‘ଡେଟୋନେଟର ପ୍ୟାକିଂ’ରେ ଏହି ବିସ୍ଫୋରଣ ଘଟିଥିଲା। ଏହାର ତୀବ୍ରତା ଏତେ ଅଧିକ ଥିଲା ଯେ ପ୍ଲାଣ୍ଟର କାନ୍ଥ ଭୁଶୁଡ଼ି ପଡ଼ିଥିଲା। ବର୍ତ୍ତମାନ ସୁଦ୍ଧା ୨୩ ଜଣ ଶ୍ରମିକ ନାଗପୁରର ବିଭିନ୍ନ ଡାକ୍ତରଖାନରେ ଚିକିତ୍ସିତ ହେଉଛନ୍ତି। ଏମାନଙ୍କ ମଧ୍ୟରୁ ଆଉ କିଛି ଜଣଙ୍କ ଅବସ୍ଥା ସଙ୍କଟାପର୍ଣ୍ଣ ରହିଛି।

## ବିରୋଧୀଙ୍କ ପ୍ରଶ୍ନ: ଖାମନେଇଙ୍କ ମୃତ୍ୟୁରେ ଭାରତ ନିରବ କାହିଁକି

ନୂଆଦିଲ୍ଲୀ, ୨।୩(ଏଜେନ୍ସି): ଇରାନର ସର୍ବୋଚ୍ଚ ନେତା ଖାମନେଇଙ୍କ ମୃତ୍ୟୁ ପରେ ଭାରତ ସରକାର ଏପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ଶୋକ ବାର୍ତ୍ତା ଜାରି କରିନାହାନ୍ତି। ବିରୋଧୀ ଦଳ ଏହାକୁ ନେଇ ପ୍ରଶ୍ନ ଉଠାଇଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଶ୍ଚିମ ଏସିଆର ସ୍ଥିତିକୁ ନେଇ ଚିନ୍ତା ପ୍ରକଟ କରିବା ସହ କେବଳ ଆଲୋଚନା ଓ କୁଟନୀତି ଉପରେ ଗୁରୁତ୍ୱ ଦେଇଛନ୍ତି। ଭାରତର ଏହି ନିରବତା ପଛରେ ୪ଟି ପ୍ରମୁଖ କାରଣ ରହିଛି। ସରକାରୀ ସୂତ୍ର ଅନୁଯାୟୀ, ଖାମନେଇ ଅନେକ ସମୟରେ ଭାରତ ବିରୋଧୀ ମନ୍ତବ୍ୟ ଦେଇ ଆସୁଥିଲେ। ସେ କାଶ୍ମୀର ପ୍ରସଙ୍ଗରେ ୨୦୧୭ ଓ ୨୦୧୯ରେ ପାକିସ୍ତାନ ଭାଷାରେ ଭାରତକୁ ସମାଲୋଚନା କରୁଥିଲେ। ୨୦୨୦ ଦିଲ୍ଲୀ ଦଙ୍ଗା ସମୟରେ ସେ ଭାରତୀୟ ମୁସଲମାନଙ୍କ ସୁରକ୍ଷା ନେଇ ବିବାଦୀୟ ଟୁଇଟ୍ କରିଥିଲେ। ୨୦୨୪ ସେପ୍ଟେମ୍ବରରେ ଭାରତର ମୁସଲମାନଙ୍କ ଅବସ୍ଥାକୁ ଗାଜା ଓ ମ୍ୟାଁମାର ସହ



ତୁଳନା କରିଥିଲେ। ଏହାକୁ ସେତେବେଳେ ଭାରତ ବିଦେଶ ମନ୍ତ୍ରଣାଳୟ କଡ଼ା ନିନ୍ଦା କରିଥିଲା। ପୁଣି କେବଳ ଭାରତ ନୁହେଁ ଆମେରିକା, ବ୍ରିଟେନ, ଫ୍ରାନ୍ସ, କାନାଡ଼ା ଓ ଅଷ୍ଟ୍ରେଲିଆ ଭଳି ଜି୭ ଦେଶଗୁଡ଼ିକ ମଧ୍ୟ ଖାମନେଇଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରିନାହାନ୍ତି। ଅର୍ଥାତ ଭାରତ ଶୋକ ବାର୍ତ୍ତା ନ ଦେବା ବିଶ୍ୱର ପ୍ରମୁଖ ଗଣତାନ୍ତ୍ରିକ ଦେଶଗୁଡ଼ିକର ଆଭିମୁଖ୍ୟ ସହ ସମାନ। ସେହିପରି ସଉଦି ଆରବ ଓ ୟୁଏଇ ଭଳି ଭାରତର ପ୍ରମୁଖ ଅଂଶୀଦାର ଦେଶଗୁଡ଼ିକ ଇରାନ ଆକ୍ରମଣର ଶିକାର ହୋଇଛନ୍ତି। ପ୍ରାୟ ୯୦ ଲକ୍ଷ ଭାରତୀୟ ଏହି ଉପସାଗରୀୟ ଦେଶଗୁଡ଼ିକରେ ରୁହନ୍ତି। ଏହି ଦେଶଗୁଡ଼ିକ ଖାମନେଇଙ୍କ ମୃତ୍ୟୁରେ ନୀରବ ରହୁଥିବାରୁ ଭାରତ ମଧ୍ୟ ନିଜ ସ୍ୱାର୍ଥ ରକ୍ଷା କରି ନିରବ ରହିବାକୁ ଶ୍ରେୟସ୍କର ମଣିଛି। ବିଶ୍ୱର ୫୭ଟି ଇସ୍‌ଲାମିକ ଦେଶ ରହିଛି। ଏହି ଦେଶଗୁଡ଼ିକୁ ନେଇ ଅର୍ଗାନାଇଜେସନ ଅଫ୍ ଇସଲାମିକ କୋପରେସନ (ଓଆଇସି) ଗଠିତ ହୋଇଛି। କିନ୍ତୁ ୫୭ଟି ଦେଶ ମଧ୍ୟରୁ ମାତ୍ର ୧୦ଟି ଦେଶ ଶୋକ ପ୍ରକାଶ କରିଛନ୍ତି।

